## ୨ ମନ୍ଦିରରୁ ଚୋରି

ପାଣିକୋଇଲି,(ଡି.ଏନ.ଏ.): ପାଣିକୋଇଲି ଥାନା ଅନ୍ତର୍ଗତ ମାଳଆନନ୍ଦପୁର ପଞ୍ଚାୟତର ବ୍ରଜନଗର ହନୁମାନ ମନ୍ଦିର ଓ ଗ୍ରାମଦେବତୀ ମଙ୍ଗଳାଙ୍କ ମନ୍ଦିରୁ ଚୋରି ହୋଇଛି। ହନୁମାନ ମନ୍ଦିରର ବାବାଙ୍କୁ ଦୁର୍ବୃତ୍ତ ମାଡ଼ ମାରିବା ସହ ତାଙ୍କ ମୁହଁ, ହାତ, ଗୋଡ଼ ବାନ୍ଧି ପକାଇବା ପରେ ମନ୍ଦିରରୁ ଲୁଟ କରିଥିଲେ। ଏନେଇ ଶନିବାର ଥାନାରେ ଅଭିଯୋଗ ପରେ ପୋଲିସ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଆରମ୍ଭ କରିଛି। ହେଲେ ଚୋରିର କୌଣସି ସୁରାଗ ପାଇନାହିଁ ଏନେଇ ଥାନାରେ ଏକ ମାମଲା ନଂ.୩୩୩/୨୧ ରୁଜୁ ହୋଇଛି।



# ୧୦୪୭ କୋଟିର ଯୋଜନା ଅନୁମୋଦନ

ଜଗତ୍‌ସିଂହପୁର ଅଫିସ, ୨୪।୧୨

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଶୁକ୍ରବାର ଅପରାହ୍ନରେ ଜିଲା ଯୋଜନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୦୨୧-୨୨ ଆର୍ଥିକ ବର୍ଷ ନିମନ୍ତେ ଯୋଜନା ପ୍ରସ୍ତୁତ କରାଯାଇଛି। ଏଥିରେ ୩୭ଟି ବିଭାଗ ଓ ୨ଟି ପୌର ପରିଷଦ ଅନ୍ତର୍ଭୁକ୍ତ ରହିଛି। ୧୦୪୭ କୋଟି ୨୧ଲକ୍ଷ ୫୨ ହଜାର ଟଙ୍କାର ଯୋଜନା ଅନୁମୋଦନ ଲାଭ କରିଥିବା ସୂଚନା ଦିଆଯାଇଛି। ସେଥିମଧ୍ୟରୁ ପୂର୍ତ୍ତ ବିଭାଗ ପାଇଁ ୧୦୬୦୭ ଲକ୍ଷ, ବିଦ୍ୟାଳୟ ଓ ଗଣଶିକ୍ଷା ୭୫୮୦.୧୮ ଲକ୍ଷ, ଅନୁସୂଚିତ ଜାତି ଓ ଜନଜାତିଙ୍କ ବିକାଶ ପାଇଁ ୧୪୦.୫୦ ଲକ୍ଷ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ୨୨୪.୨୦ ଲକ୍ଷ, ଗୃହ ଓ ନଗର ଉନ୍ନୟନ ୩୩୦ ଲକ୍ଷ, କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ୨୦୦ ଲକ୍ଷ ଟଙ୍କା ଅନୁମୋଦନ ହୋଇଛି। ସେହିପରି


ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧିମାନେ।

ଯୋଜନା ଓ କନଭରଜେନ୍ସ ପାଇଁ ୧୩୧୪ ଲକ୍ଷ, ପଞ୍ଚାୟତିରାଜ ୧୩୮୧୨.୪୨ ଲକ୍ଷ, ଶିଳ୍ପ ୨୦ ଲକ୍ଷ, ଜଳ ସମ୍ପଦ ୧୪୫୬.୧୪ ଲକ୍ଷ, ଜଙ୍ଗଲ ଓ ପରିବେଶ ୧୨୧ ଲକ୍ଷ, କୃଷି ଓ ଉଦ୍ୟାନ କୃଷି ୫୧୨୨.୦୫ ଲକ୍ଷ, ଗ୍ରାମ୍ୟ ଉନ୍ନୟନ ୯୩୧୩.୬୧ ଲକ୍ଷ, ସଂସ୍କୃତି ୨୧୫.୬୯ ଲକ୍ଷ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ୬୮୫.୫୩ ଲକ୍ଷ, ସମବାୟ ୪୩,୪୦୦ ଲକ୍ଷ, ମହିଳା ଓ ଶିଶୁ ବିକାଶ ୪୪୬.୨୯ ଲକ୍ଷ, ଅଣୁ, ମଧ୍ୟମ ଓ କ୍ଷୁଦ୍ର ଉଦ୍ୟୋଗ ୩୩.୯୦ ଲକ୍ଷ ଓ ସାମାଜିକ ସୁରକ୍ଷା ବିଭାଗ ପାଇଁ ୮୫୪୦.୪୧ଲକ୍ଷ ଟଙ୍କା ରହିଛି । ଏହା ରାଜ୍ୟ ସରକାରଙ୍କ ପାଖକୁ ପଠାଯାଇ ଷ୍ଟେଟ୍ ପ୍ଲାନରେ ଅନ୍ତର୍ଭୁକ୍ତ କରାଯିବ।

**ଜିଲା ଯୋଜନା କମିଟି ବୈଠକ**

- ଶିବିର ମାଧ୍ୟମରେ ଶ୍ରମ କାର୍ଡ ନବୀକରଣ ପାଇଁ ପରାମର୍ଶ
- ୩୭ ବିଭାଗ ଓ ୨ ପୌର ପରିଷଦ ଅନ୍ତର୍ଭୁକ୍ତ

ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ଜିଲାର ବିକାଶ ପାଇଁ ଯାହା ଯୋଜନା ପ୍ରସ୍ତାବ ରହିବ ସେଥିରେ ତାଙ୍କର ସହମତି ଥିବା କହିଥିଲେ। ବିଧାୟକ ମୁଦୁଲି କହିଥିଲେ, ଆମ ଜିଲାରେ କୃଷି ଓ ଶିଳ୍ପ ଅଭିବୃଦ୍ଧି ଆହ୍ୱାନ। ଏଠାରେ ଦୁଗ୍ଧ ଓ ମତ୍ସ୍ୟ ସମ୍ପଦର ଉତ୍ପାଦନ ବୃଦ୍ଧି, ଜଳସମ୍ପଦର ଉନ୍ନତି, ପର୍ଯ୍ୟଟନର ବିକାଶ ପାଇଁ ପ୍ରକୋଷ୍ଠ କ୍ଷେତ୍ର ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ ଓ କୃଷି ଆଦିର ବିକାଶ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଇଛି। ବୈଠକରେ ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ ଓ ଜିଲା ପରିଷଦ ସଭାପତି ପ୍ରିୟଦର୍ଶିନୀ ବିଶ୍ୱାଳ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଜିଲାପାଳ ପାରୁଲ ପଟାୱରୀ ସ୍ୱାଗତ ସୂଚନା ଦେବା ସହ ଶ୍ରମିକମାନଙ୍କ କାର୍ଡ ରିନିୱାଲ କରିବା ପାଇଁ ସମସ୍ତ ବ୍ଲକରେ ଶିବିର ଆୟୋଜନ କରିବାକୁ ଜିଲା ଶ୍ରମ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଉପନିର୍ଦ୍ଦେଶକ ସବିତା ସାହୁଙ୍କ ସମେତ ଜିଲା ପରିଷଦ ସଭ୍ୟାସଭ୍ୟ, ଜିଲା ଯୋଜନା କମିଟି ସଭ୍ୟାସଭ୍ୟ, ଜିଲାସ୍ତରୀୟ ଅଧିକାରୀ ଓ କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ମହିଳା ଓ ଶିଶୁ ଅପରାଧ ନିୟନ୍ତ୍ରଣ ପ୍ରକୋଷ୍ଠ ନ ଖୋଲିବାରୁ ପ୍ରତିବାଦ

ଜଗତ୍‌ସିଂହପୁର ଅଫିସ, ୨୪।୧୨: ଦେଶର ପ୍ରତ୍ୟେକ ଜିଲାରେ ମହିଳା ଓ ଶିଶୁ ଅପରାଧ ନିୟନ୍ତ୍ରଣ ପ୍ରକୋଷ୍ଠ ଖୋଲିବା ପାଇଁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ରହିଛି। କିନ୍ତୁ ଓଡ଼ିଶା ସରକାର ତାହା କାର୍ଯ୍ୟକାରୀ କରୁନାହାନ୍ତି। ପ୍ରତିବାଦରେ ଶୁକ୍ରବାର ବିକ୍ଷୋଭ କରାଯାଇଥିଲା। ଭାଜପା ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ କ୍ରିଷ୍ଣା ମହାନ୍ତିଙ୍କ ନେତୃତ୍ୱରେ ମହିଳା ଓ ପୁରୁଷମାନେ ସ୍ଥାନୀୟ ଡାକ ବଙ୍ଗଳା ଛକରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଫାଟକ ବନ୍ଦ ଥିବାରୁ କିଛି ସମୟ ପାଇଁ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁଙ୍କ ହସ୍ତକ୍ଷେପ ଓ ଏଡିଏମ୍ ସଚିଦାନନ୍ଦ ସାହୁଙ୍କ ଉପସ୍ଥିତି ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା। ଶେଷରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଏହି ଶୋଭାଯାତ୍ରାରେ ସତ୍ୟବ୍ରତ ମହାପାତ୍ର, ଶିବବ୍ରତ ଦାସ, ଗଣେଶ ପ୍ରସାଦ ମହାନ୍ତି, ମାନସ ମହାପାତ୍ର, ଆଦିତ୍ୟ ଓଝା, ବିଜନ ନାୟକ, ତରୁଣ ଦାସ ଓ ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ ପ୍ରମୁଖ ସାମିଲ ହୋଇଥିଲେ ।

### ସଂସିଧା ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟିତ

ଆଳି,୨୪।୧୨(ଡି.ଏନ.ଏ.): ଆଳି ବ୍ଲକ ଅନ୍ତର୍ଗତ ସଂସିଧା ପଞ୍ଚାୟତର ନୂତନ ଗୃହକୁ ବିଧାୟକ ପ୍ରତାପ କେଶରୀ ଦେବଙ୍କ ଶୁକ୍ରବାର ଉଦଘାଟନ କରିଛନ୍ତି। ଆୟୋଜିତ ଉତ୍ସବରେ ଆଳି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦୀପକ ଭୂୟାଁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବିଧାୟକ ଦେବ,ସମ୍ମାନିତ ଅତିଥି ଭାବେ ଆଳି ବିଜେଡି ସଭାପତି ସନାତନ ମିଶ୍ର, ସଂସିଧା ସରପଞ୍ଚ ମମତାରାଣୀ ଭୂୟାଁ ଯୋଗ ଦେଇଥିଲେ। ବିଧାୟକ ଦେବ ପଞ୍ଚାୟତର ମିଶନ ଶକ୍ତି ଗୃହ, ଡାକଘର, ଜଗନ୍ନାଥ ସପ୍ତା ଆଶ୍ରମ ଆଦି ପ୍ରକଳ୍ପଗୁଡିକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ଜ୍ୟୋତିରଞ୍ଜନ ଭୂୟାଁ ପରିଚାଳନା କରିଥିବା ବେଳେ ମନ୍ମଥ ଭୂୟାଁ, ଖଗେଶ୍ୱର ଭୂୟାଁ, ବାବାଜୀ ସାମଲ, ଅଶୋକ ଭୂୟାଁ, କେଶବ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

### ଅବଦୁଲ କଲାମ ବିଜ୍ଞାନ ପାର୍କ ଉଦ୍‌ଘାଟନ

ଡେରାବିଶ,୨୪।୧୨(ସ୍ୱ.ପ୍ର.): ଡେରାବିଶ ବ୍ଲକ ଅନ୍ତର୍ଗତ ଦାନପୁରଠାରେ ୪୨ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପୂର୍ବତନ ରାଷ୍ଟ୍ରପତି ଅବଦୁଲ କଲାମ୍‌ଙ୍କ ନାମରେ ନାମିତ ବିଜ୍ଞାନ ପାର୍କ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ପାର୍କକୁ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ସରପଞ୍ଚ ବିଭୁଦେନ୍ଦୁ ପଣ୍ଡାଙ୍କ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମିତି ଅଧ୍ୟକ୍ଷ ସାହୁ କହିଥିଲେ, ଗ୍ରାମାଞ୍ଚଳରେ ଛାତ୍ରୀଛାତ୍ରଙ୍କଠାରୁ ବୟସ୍କଙ୍କ ଚିତ୍ତ ବିନୋଦନ ପାଇଁ ଏହି ପାର୍କ ସହାୟକ ହେବ। ସରପଞ୍ଚ ପଣ୍ଡା କହିଥିଲେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ନିର୍ମିତ ହୋଇଥିବା ଏହି ପାର୍କ ୨୨୦ ଫୁଟ ଲମ୍ବ ଓ ୧୫୦ ଫୁଟ ଓସାର। ଏଠାରେପିଲାଙ୍କ ପାଇଁ ବିଭିନ୍ନ ବୈଜ୍ଞାନିକ ଉପକରଣ ରହିଛି। ସମ୍ମାନିତ ଅତିଥି ଭାବେ ଦାନପୁର ସମିତିସଭ୍ୟ ଚନ୍ଦ୍ରଶେଖର ଦାସ, ବିଜେଡି ନେତା ଅମ୍ବିକା ପ୍ରସାଦ ରଥ, ସରପଞ୍ଚ ଯୁଗଳ କିଶୋର ମହାନ୍ତି, ଉମେଶ ଚନ୍ଦ୍ର ତ୍ରିପାଠୀ, ଅକ୍ଷୟ ତ୍ରିପାଠୀ, ଗୌତମ ପରିଡ଼ା ଯୋଗଦେଇଥିଲେ। ଏଥିସହ ଦାନପୁର ପାଠାଗାରର ନବନିର୍ମିତ ଗୃହ ପଞ୍ଚାୟତ ପକ୍ଷରୁ ନିର୍ମିତ ହୋଇଥିବା ମାର୍କେଟ କମ୍ପ୍ଲେକ୍ସ ଏବଂ ଖେଳପଡ଼ିଆକୁ ଲୋକାର୍ପଣ କରାଯାଇଥିଲା।

### ଏସ୍‌ଏଚ୍‌ଜି ନେତ୍ରୀମାନଙ୍କ ପାଇଁ ତାଲିମ ଶିବିର

ବିରିଡି, ୨୪।୧୨(ଡି.ଏନ.ଏ.): ବିରିଡି ବ୍ଲକ ମିଶନ ଶକ୍ତି ବିଭାଗ ପକ୍ଷରୁ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ନେତ୍ରୀମାନଙ୍କ ପାଇଁ ଶୁକ୍ରବାର ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସିଡିପିଓ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଶିବିରକୁ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ଉଦ୍‌ଘାଟନ କରିଥିଲେ । ଏଥିରେ ବିଡିଓ ହେମନ୍ତ କୁମାର ମହାନ୍ତ, ବିଆରଟି ଉଲ୍ଲାସଚନ୍ଦ୍ର ସ୍ୱାଇଁ, ଅତନୁ କୁମାର ସ୍ୱାଇଁ, ଡା. ମନୋରଞ୍ଜନ ନନ୍ଦ, ଆଶୁତୋଷ ଲେଙ୍କା, ଗୌରି ଦେଈ,ଓ ବିଜୟ କୁମାର ରଣା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଆର୍ଥିକ ସ୍ୱାକ୍ଷରତା, ବିଭିନ୍ନ ସରକାରୀ ବିଭାଗର ସହଭାଗିତାରେ ଆୟ ସୃଷ୍ଟି ଉପରେ ତାଲିମ ଦିଆଯାଇଥିଲା। ଶିବିରରେ ୮୪ଟି ମହାସଂଘର ନେତ୍ରୀ ଯୋଗଦେଇଥିଲେ।

## ଜାତୀୟ ଖାଉଟି ଅଧିକାର ଦିବସ ପାଳିତ

ଜଗତ୍‌ସିଂହପୁର ଅଫିସ, ୨୪।୧୨

ଜଗତ୍‌ସିଂହପୁର ଜିଲା ଖାଉଟି ବିବାଦ ପ୍ରତିକାର ଆୟୋଗଙ୍କ କାର୍ଯ୍ୟାଳୟ ପରିସରରେ ଜାତୀୟ ଖାଉଟି ଅଧିକାର ଦିବସ ପାଳିତ ହୋଇଯାଇଛି । କଞ୍ଜୁମର କାଉନସିଲିଂ ସେଣ୍ଟର ଓ ଜିଲା ଖାଉଟି ବିବାଦ ପ୍ରତିକାର କମିଶନଙ୍କ ପକ୍ଷରୁ ଆୟୋଜିତ ଏହି ଦିବସରେ ଅତିଥିଭାବେ ଖାଉଟି ବିବାଦ ପ୍ରତିକାର କମିଶନ ପୂର୍ବତନ ସଦସ୍ୟ ସବ୍ୟସାଚୀ ଦାସ, ରଞ୍ଜିତ ମହାନ୍ତି ଓ ଅଭିଜିତ ପୃଷ୍ଟି ପ୍ରମୁଖ ଯୋଗ ଦେଇ ଜାତୀୟ ଉପଭୋକ୍ତା ଅଧିକାର ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ବରିଷ୍ଠ ଉପଭୋକ୍ତା କର୍ମୀ ବଂଶୀଧର ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଭୋକ୍ତା ମହିଳା କଲ୍ୟାଣ ମହାସଂଘ ସଭାନେତ୍ରୀ ସ୍ନେହମୟୀ ଆଚାର୍ଯ୍ୟ, ଆଇନଜୀବୀ ନୃସିଂହ ବାରିକ, ଉପଭୋକ୍ତା କର୍ମୀ ଜାମିନୀକାନ୍ତ ନନ୍ଦ, ଡା. ସ୍ନେହାଶିଷ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ଉପଭୋକ୍ତା କର୍ମୀ ଓ ଜଗତ୍‌ସିଂହପୁର ବାର ଆସୋସିଏଶନ୍ ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ।

## ଚାନ୍ଦୋଳ ବଜାର ସୁରକ୍ଷା ପାଇଁ ବିକ୍ଷୋଭ

କେନ୍ଦ୍ରାପଡା ଅଫିସ୍, ୨୪।୧୨

କେନ୍ଦ୍ରାପଡ଼ା ଜିଲା ସଦର ଥାନା ଅନ୍ତର୍ଗତ ଚାନ୍ଦୋଳ ବଜାର ଓ ହାଟ ଅସୁରକ୍ଷିତ ହୋଇପଡିଛି। ପ୍ରତ୍ୟହ ଏଠାରେ ଚୋରି ହେଉଛି। ବ୍ୟବସାୟ ଅନୁଷ୍ଠାନର ସୁରକ୍ଷା ଦାବି କରି ବଜାର କମିଟି ସଦସ୍ୟ ଓ ବ୍ୟବସାୟୀ ଫାଣ୍ଡି ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିସହ ବିଭିନ୍ନ ଦାବି ସମ୍ବଳିତ ପତ୍ର ଏସ୍‌ପି ମଡକର ସନ୍ଦିପ ସମ୍ପଦଙ୍କୁ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ବଜାର କମିଟି ସଭାପତି ଶିବାଶିଷ ମହାନ୍ତି କହିଛନ୍ତି, ଗତ ବର୍ଷକ ମଧ୍ୟରେ ଏଠାରେ ୧୫ରୁ ଅଧିକ ବାଇକ୍ ଚୋରି ହୋଇଛି। ସେହିପରି ୩୦ରୁ ଊର୍ଦ୍ଧ୍ୱ ବ୍ୟବସାୟ ଅନୁଷ୍ଠାନକୁ ଚୋରମାନେ ଲୁଟି ନେଇଛନ୍ତି। ରାତ୍ରକାଳୀନ ପାଟ୍ରୋଲିଂ ବ୍ୟବସ୍ଥା ପାଇଁ ଜିଲା ପୋଲିସ ପ୍ରଶାସନକୁ କମିଟି ପକ୍ଷରୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଛି। ସୁଫଳ ନ ମିଳିବାରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହାପରେ ଏସ୍‌ପି ସମ୍ପଦ, ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା, ଥାନାଧିକାରୀ ପବିତ୍ର ମହାରଣା ପ୍ରମୁଖ ପହଞ୍ଚି ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ବିକ୍ଷୋଭର ନେତୃତ୍ୱ ସମ୍ପାଦକ ପ୍ରଶାନ୍ତ ସାହୁ, କର୍ମକର୍ତ୍ତା ବିଶ୍ୱମୋହନ ଦାଶ, ମିହିର ସାମଲ, ଦେବାଶିଷ ବେହେରା ପ୍ରମୁଖ ନେଇଥିଲେ।


ବିକ୍ଷୋଭରେ ସାମିଲ ହୋଇଥିବା ବ୍ୟବସାୟୀ।

## ଜିଲା ପରିଷଦ ସଭ୍ୟପଦ ସଂରକ୍ଷଣ ଚିଠା ପୁଣି ପ୍ରକାଶ

କେନ୍ଦ୍ରାପଡା ଅଫିସ, ୨୪।୧୨

ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ଆଗାମୀ ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷର ୩୨ ଜିଲା ପରିଷଦ ସଭ୍ୟ ପଦ ପାଇଁ ପୁନର୍ବାର ସଂରକ୍ଷଣ ଚିଠା ତାଲିକା ଶୁକ୍ରବାର ପ୍ରକାଶିତ ହୋଇଛି। ପ୍ରକାଶିତ ଚିଠା ତାଲିକା ଅନୁଯାୟୀ, ଆଳି ବ୍ଲକର ୧ ନଂ. ଜୋନ ଅନୁସୂଚିତ ଜାତି ମହିଳା, ୨ ନଂ. ଅସଂରକ୍ଷିତ, ୩ ନଂ. ମହିଳା, ୪ନଂ. ଅସଂରକ୍ଷିତ, କେନ୍ଦ୍ରାପଡ଼ା ବ୍ଲକର ୫ ନଂ. ଜୋନ ଅନୁସୂଚିତ ଜାତି ମହିଳା, ୬ ନଂ.. ମହିଳା, ୭ ନଂ. ଅନୁସୂଚିତ ଜାତି ମହିଳା, ୮ ନଂ. ଅସଂରକ୍ଷିତ। ଗରଦପୁର ବ୍ଲକ ୯ ନଂ. ଜୋନ ମହିଳା, ୧୦ ନଂ. ଅସଂରକ୍ଷିତ, ୧୧ ନଂ. ମହିଳା। ଡେରାବିଶ ବ୍ଲକ ୧୨ ନଂ. ଅସଂରକ୍ଷିତ, ୧୩ ନଂ. ଅନୁସୂଚିତ ଜାତି, ୧୪ ନଂ. ଅସଂରକ୍ଷିତ। ପଟ୍ଟାମୁଣ୍ଡାଇ ୧୫ ନଂ. ଜୋନ ଅନୁସୂଚିତ ଜାତି ମହିଳା, ୧୬ ନଂ. ଅନୁସୂଚିତ ଜାତି, ୧୭ ନଂ. ମହିଳା, ୧୮ ନଂ. ଅନୁସୂଚିତ ଜାତି। ମହାକାଳପଡ଼ା ୧୯ ନଂ. ଜୋନ ମହିଳା, ୨୦ ନଂ.. ଅସଂରକ୍ଷିତ, ୨୧ ନଂ. ମହିଳା, ୨୨ ନଂ. ଅସଂରକ୍ଷିତ, ୨୩ ନଂ. ଅସଂରକ୍ଷିତ। ମାର୍ଶାଘାଇ ବ୍ଲକ ୨୪ ନଂ. ଅସଂରକ୍ଷିତ, ୨୫ ନଂ. ଅନୁସୂଚିତ ଜନଜାତି ମହିଳା, ୨୬ ନଂ. ମହିଳା। ରାଜକନିକା ବ୍ଲକ ୨୭ ନଂ. ମହିଳା, ୨୮ ନଂ. ଅସଂରକ୍ଷିତ, ୨୯ ନଂ. ମହିଳା। ରାଜନଗର ବ୍ଲକ ୩୦ ନଂ. ଅସଂରକ୍ଷିତ, ୩୧ ନଂ. ଅସଂରକ୍ଷିତ ଓ ୩୨ ନଂ. ଜୋନ ମହିଳାଙ୍କ ପାଇଁ ସଂରକ୍ଷିତ କରାଯାଇଛି। ସେହିପରି ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପ୍ରକାଶିତ ଚିଠା ତାଲିକାରେ ଜିଲା ପରିଷଦ ସଭାପତି ପଦ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଛି।

## ନଦୀ ମହୋତ୍ସବ: ପଞ୍ଚମ ସନ୍ଧ୍ୟାରେ ୨୦୨୧ ଦୀପ ଦାନ

ପାରାଦୀପ,୨୪।୧୨(ସ୍ୱ.ପ୍ର.)

ପାରାଦୀପରେ ଚାଲିଥିବା ନଦୀ ମହୋତ୍ସବର ପଞ୍ଚମ ଦିବସ କାର୍ଯ୍ୟକ୍ରମ ଗୁରୁବାର ସନ୍ଧ୍ୟାରେ କନକପୁରସ୍ଥିତ ଶାରଳା ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚନ୍ଦନ ପୋଖରୀରେ ୨୦୨୧ ଦୀପ ଦାନ କରାଯାଇଥିଲା। ଜିଲାପାଳ ପାରୁଲ ପଟୱାରି ଏଥିରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ, କାହ୍ନୁଚରଣ ଧୀର, ଉପ ଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ପାରାଦୀପ ପୌର ନିର୍ବାହୀ ଅଧିକାରୀ ସୌରିନ୍ଦ୍ର କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ମାଂସ ଶିକାରୀଙ୍କ ଲୋଲୁପ ଦୃଷ୍ଟିରେ ଭିତରକନିକା

କେନ୍ଦ୍ରାପଡ଼ା ଅଫିସ, ୨୪।୧୨

ଭିତରକନିକା ଜାତୀୟ ଉଦ୍ୟାନରୁ ଗତ ୯ ତାରିଖରେ ହରିଣ ଶିକାର କରି ବଗପାଟିଆ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଫକୀର ମୋହନ ନାୟକ ଧରାପଡିଥିଲେ। ଏହି ଘଟଣାରେ ଜେଲ ଯିବା ପରେ ତାଙ୍କୁ ଜିଲା ଶିକ୍ଷା ବିଭାଗ ନିଲମ୍ବିତ କରିଛନ୍ତି। ଏହା ବ୍ୟତୀତ ଚଳିତବର୍ଷ ୧୦୦ରୁ ଊର୍ଦ୍ଧ୍ୱ ଶିକାର ମାମଲା ସହ ୨୦୦ରୁ ଅଧିକ ଲୋକଙ୍କୁ ବନ ବିଭାଗ ଗିରଫ କଲାଣି। କଟକଣା ସମୟରେ ସମୁଦ୍ରରେ ମାଛ ମାରିବାଠାରୁ ଆରମ୍ଭ କରି ଜାତୀୟ ଉଦ୍ୟାନ ସଂରକ୍ଷିତ ଅଞ୍ଚଳରୁ ପଶୁ ପକ୍ଷୀଙ୍କ ଶିକାର ହୋଇଛି। ତେବେ ଆସନ୍ତା ବଡଦିନ ଓ ନୂଆବର୍ଷ ପାଇଁ ଶିକାରୀଙ୍କ ଲୋଲୁପ ଦୃଷ୍ଟି ଭିତରକନିକାରେ ପଡିଛି ବୋଲି ସ୍ଥାନୀୟ ଅଞ୍ଚଳରେ ମତ ପ୍ରକାଶ ପାଇଛି। ରାଜନଗରର ବସନ୍ତ କୁମାର ହାତୀ କହିଛନ୍ତି, ବଡଦିନ ଓ ନୂଆବର୍ଷ ଦୁଇଦିନରେ ପର୍ଯ୍ୟଟକଙ୍କ ସଂଖ୍ୟା ଅଧିକ ହୋଇଥିବା ବେଳେ ସମସ୍ତ ଅଞ୍ଚଳରେ ଭୋଜିଭାତ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଶିକାରୀମାନେ ଶିକାର ଖୋଜିବାରେ ଲାଗି ପଡିଛନ୍ତି। ଭିତରକନିକାରେ ଶୀତ ଋତୁରେ ଦେଶୀ ବିଦେଶୀ ପକ୍ଷୀଙ୍କ ଭିଡ ଲାଗିଛି। ଭିତରକନିକା ଆଭ୍ୟନ୍ତର ଓ ବାହ୍ୟ ଅଞ୍ଚଳରେ ପକ୍ଷୀଙ୍କ ଶିକାର ଚାଲିଛି। ଏହାର ମାଂସ ନିକଟସ୍ଥ ବ୍ଲକ ଅଞ୍ଚଳ ସମେତ ପାରାଦୀପ, ଧାମରା, ଯାଜପୁର ଆଦି ଅଞ୍ଚଳକୁ ଯାଉଛି। ଏହା ନୂଆ ନୁହେଁ। ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ବାର୍‌ହା, ହରିଣଠାରୁ ଆରମ୍ଭ କରି ପଶୁପକ୍ଷୀଙ୍କୁ ମାଂସ ପାଇଁ ଶିକାର କରାଯାଉଛି। ଏଥିସହ ସାମୁଦ୍ରିକ ଜୀବଙ୍କୁ ଶିକାର କରାଯାଇ ଏହି ଦୁଇଦିନରେ ଶିକାରୀ ଭଲ ରୋଜଗାର କରନ୍ତି। ଦୋଳଗୋବିନ୍ଦ ଜେନା କହିଛନ୍ତି, ଯନ୍ତା ସହ କେତେଜଣ ଶିକାରୀ କୁକୁରକୁ ଶିକାର କାର୍ଯ୍ୟରେ ନିୟୋଜିତ କରୁଛନ୍ତି। ସେହିପରି ବିରଳ ଅଲିଭ ରିଡଲେ କଇଁଛ ଶିକାର ଚାଲିଥିବା ବେଳେ ବନ ବିଭାଗ ପକ୍ଷରୁ ଅଦ୍ୟାବଧି କୌଣସି ମାମଲାରେ ଏହାକୁ ଦର୍ଶାଇ ଯାଉନାହିଁ। ବଡଦିନ ଓ ନୂଆବର୍ଷ ପୂର୍ବରୁ ମାଂସ ପାଇଁ ଶିକାର ହେଉଥିବା ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତି କହିଛନ୍ତି, ଏ ନେଇ ବନ ବିଭାଗ ସତର୍କ ଅଛି। ବିଭିନ୍ନ ରେଞ୍ଜ ଅଫିସରଙ୍କୁ ଏ ସମ୍ପର୍କରେ ଆଲର୍ଟ କରାଯାଇଛି।

## ରାସ୍ତା କାଟିଦେଲେ ଲୋକେ

କୁଜଙ୍ଗ, ୨୪।୧୨(ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଚାରିଦେଶରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପକୁ ବିରୋଧ କରୁଥିବା କେତେଜଣ ଲୋକ ଶୁକ୍ରବାର ପାଟଣା ଢିଙ୍କିଆକୁ ସଂଯୋଗ କରୁଥିବା ରାସ୍ତାକୁ କାଟି ଦେଇଛନ୍ତି। ପୋଲିସର ରାତିଅଧିଆ କାର୍ଯ୍ୟାନୁଷ୍ଠାନକୁ ବିରୋଧରେ ଏପରି କରାଯାଇଥିବା ସୂଚନା ମିଳିଛି। ଏହି ଘଟଣାରେ ଯେଉଁମାନେ ସମ୍ପୃକ୍ତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି ଅଖିଳେଶ ସିଂ କହିଛନ୍ତି। ଅପରପକ୍ଷେ ପ୍ରକଳ୍ପକୁ ସମର୍ଥନ କରି ଗୋବିନ୍ଦପୁର ଗ୍ରାମରେ ପାନବରଜ ଉଚ୍ଛେଦ କାର୍ଯ୍ୟ ଜାରି ରହିଛି। ଶୁକ୍ରବାର ତୃତୀୟ ଦିନରେ ୪ ଜଣ ଚାଷୀ ନିଜର ପାନ ବରଜକୁ ଭାଙ୍ଗିଛନ୍ତି। ପାନବରଜ ଭଙ୍ଗା ସ୍ଥଳରେ ପ୍ରଶାସନ ଓ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ୭ ଜଣଙ୍କ ପାନବରଜ ଚିହ୍ନଟ କରାଯାଇ ମାପଚୁପ କରାଯାଇଛି। ଶନିବାର ସେଗୁଡ଼ିକ ଭଙ୍ଗାଯିବ ବୋଲି ସୂଚନା ମିଳିଛି। ଗୋବିନ୍ଦପୁର ଗ୍ରାମ ୪ ଜଙ୍ଗଲ କମିଟିର ୩୦ଜଣ ମୁରବି ପାରାଦୀପ ସର୍କିଟ ହାଉସରେ ଏସ୍‌ପି ସିଂଙ୍କ ସହ ଜେଏସ୍‌ଡବ୍ଲ୍ୟୁର କ୍ଷତି ପୂରଣ ଓ ଥଇଥାନ ପ୍ୟାକେଜ ସମ୍ପର୍କରେ ଆଲୋଚନା କରି ପାନବରଜକୁ ଉଚ୍ଛେଦ ପାଇଁ ସହମତି ପ୍ରକାଶ କରିଛନ୍ତି। ଏହି ପ୍ରତିନିଧି ଦଳରେ ଗୋବିନ୍ଦପୁର ଗ୍ରାମର ପ୍ରଫୁଲ୍ଲ ମହାନ୍ତି, ରଞ୍ଜନ ବର୍ଦ୍ଧନ, ସନାତନ ରାଉତ, ଦୁର୍ଲଭ ରାଉତ ଓ ପ୍ରଭାତ ରାଉତ ପ୍ରମୁଖ ସାମିଲ ଥିଲେ।


ପାଟଣା ଢିଙ୍କିଆକୁ ସଂଯୋଗ କରୁଥିବା ରାସ୍ତାକୁ କାଟି ଦିଆଯାଇଛି।

## ନଦୀ ବେଳାଭୂମି ଅଞ୍ଚଳରେ ସଫେଇ

ପାରାଦୀପ, ୨୪।୧୨(ସ୍ୱ.ପ୍ର.)

ପାରାଦୀପ ବେଳାଭୂମି ଓ ସହର ମଧ୍ୟରେ ଥିବା କପିଳଜୋର ଅଞ୍ଚଳରେ ଶୁକ୍ରବାର ସଫେଇ କରାଯାଇଛି। ପାରାଦୀପ କଲେଜର ସମରଶିକ୍ଷାର୍ଥୀ ବାହିନୀ ଛାତ୍ରୀଛାତ୍ର ଓ ବନ୍ଦର ପ୍ରଶାସନ ପକ୍ଷରୁ ମିଳିତ ଭାବେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ବନ୍ଦର ଉପାଧ୍ୟକ୍ଷ ଏ.କେ ବୋଷ, ସଚିବ ପି.ଏନ୍ ବାହେକର ଓ କଲେଜ ଅଧ୍ୟକ୍ଷା ଡା.ସସ୍ମିତା ଶତପଥୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହାକୁ ଏନସିସି ଲ୍ୟୁଟ୍‌ନାଣ୍ଟ କମାଣ୍ଡର ଅକ୍ଷୟ ମିଶ୍ର ସଞ୍ଚାଳନ କରିଥିଲେ।

## ସ୍ତ୍ରୀଙ୍କୁ ହତ୍ୟା ଘଟଣା: କଟକରୁ ସ୍ୱାମୀ ଗିରଫ

ପାଟକୁରା,୨୪।୧୨(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅନ୍ତର୍ଗତ ପଳସୁଧା ପଞ୍ଚାୟତର କୁଶୁନୁପୁରା ଗାଁରେ ପାରିବାରିକ କଳହକୁ ନେଇ ବୁଧବାର ରାତିରେ ସ୍ତ୍ରୀଙ୍କୁ ହତ୍ୟା କରି ସ୍ୱାମୀ ଫେରାର ହୋଇ ଯାଇଥିଲେ। ଏହି ଘଟଣାରେ ପୋଲିସ କଟକରୁ ଅଭିଯୁକ୍ତ ଶୁକ୍ରବାର ସ୍ୱାମୀଙ୍କୁ ଗିରଫ କରିଛି।

ପଳସୁଧା ଗାଁର ସ୍ୱର୍ଗତ ଶରତ ଚନ୍ଦ୍ର ବିଶ୍ୱାଳଙ୍କ ଝିଅ କଳ୍ପନା ୨୫ ବର୍ଷ ତଳେ କୁଶୁନୁପୁରା ଗ୍ରାମର ଉପେନ୍ଦ୍ର ରାଉତଙ୍କ ପୁଅ ତପନକୁ ବିବାହ କରିଥିଲେ। ତାଙ୍କର ୨୧ ବର୍ଷର ପୁଅ ବାଙ୍ଗାଲୋରରେ ଏକ ଘରୋଇ କମ୍ପାନୀରେ ଚାକିରି କରନ୍ତି। ତପନ ଓ କଳ୍ପନାଙ୍କ ମଧ୍ୟରେ ବାରମ୍ବାର କଳି ହୋଇଥାଏ। ଭଦ୍ରଲୋକମାନେ ବାରମ୍ବାର ବସି ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଆପୋଷ ସମାଧାନ କରିଥିଲେ। କିଛିବର୍ଷ ପୂର୍ବରୁ ତପନ କୋଲକତା ରହି ଏକ ପାନ ଦୋକାନ କରିଥିଲେ। ସେ ଘରକୁ ଆସୁ ନ ଥିବାରୁ ସ୍ତ୍ରୀ ଓ ପୁଅ ସହ ସମ୍ପର୍କ ରଖୁ ନ ଥିଲେ। କଳ୍ପନା ଏକା ଘରେ ରହୁଥିଲେ। ହେଲେ ହଠାତ୍ ବୁଧବାର ସନ୍ଧ୍ୟାରେ ସ୍ୱାମୀ ତପନ ୨ ଜଣଙ୍କୁ ସାଙ୍ଗରେ ଧରି ଘରେ ପହଞ୍ଚିଥିଲେ। ହେଲେ ଗୁରୁବାର ସକାଳେ ପଡୋଶୀମାନେ କଳ୍ପନାଙ୍କ ଘରର କବାଟ ଖୋଲାଥିବା ବେଳେ ଟିଭି ଚାଲି ଥିଲା ଦେଖିବା ଭିତରକୁ ଗଲା ବେଳକୁ ତାଙ୍କ ମୃତଦେହ ଚଟାଣରେ ପଡିଥିଲା। ଏହି ଖବର ପ୍ରଚାରିତ ହେବା ଲୋକ ରୁଣ୍ଡ ହୋଇଥିବାବେଳେ ସରପଞ୍ଚ ଅନୁଜ ମହାନ୍ତି ଥାନାକୁ ଖବର ଦେଇଥିଲେ। ପରେ ଆଇଆଇସି ସରୋଜ ସାହୁ ଘଟଣାସ୍ଥଳରେ ପହଞ୍ଚି କଳ୍ପନାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଆରମ୍ଭ କରିଥିଲେ। ମୃତ କଳ୍ପନାଙ୍କ ଦାଦା ଚକ୍ରଧର ଥାନାରେ ଝିଅରିଙ୍କୁ ସ୍ୱାମୀ ଓ ତାଙ୍କ ସହ ଆସିଥିବା ୨ ଜଣ ବ୍ୟକ୍ତି ମିଶି ହତ୍ୟା କରିଛନ୍ତି ବୋଲି ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ. ୫୫୩/୨୧ରେ ମାମଲା ରୁଜୁ କରିଥିଲା। ଶୁକ୍ରବାର କେନ୍ଦ୍ରାପଡ଼ା ଏସ୍‌ପି ମଡକର ସନ୍ଦିପ ସମ୍ପଦ, ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି। ପାଟକୁରା ପୋଲିସ କଟକ ପୋଲିସ ସହାୟତାରେ ମୁଖ୍ୟ ଅଭିଯୁକ୍ତ ସ୍ୱାମୀ ତପନଙ୍କୁ କଟକ ମଙ୍ଗଳାବାଗରୁ ଧରିବାରେ ସଫଳ ହୋଇଛି। ତପନ ତାଙ୍କ ବଡ଼ ଭାଇ ପ୍ରସନ୍ନଙ୍କ କଟକସ୍ଥିତ ଭଡ଼ା ଘରେ ଆତ୍ମଗୋପନ କରିଥିଲେ। ମୋବାଇଲ ଫୋନ୍ ଟ୍ରାକିଂ କରି ତପନଙ୍କୁ ପୋଲିସ ଗିରଫ କରିଥିଲା। ତପନଙ୍କୁ ପାଟକୁରା ଥାନାକୁ ଆଣି ହତ୍ୟାକାଣ୍ଡ ସମ୍ପର୍କରେ ପୋଲିସ ଅଧିକ ପଚରାଉଚୁରା କରୁଛି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଯାଇଛନ୍ତି। ହତ୍ୟାକାଣ୍ଡ ଘଟିଥିବା ଘର ମଧ୍ୟରୁ ପୋଲିସ ଏକ ମଦ ବୋତଲ, ଟା ଓ ଅମୁଲ ପ୍ୟାକେଟ ଜବତ କରିଛି।


ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

## ଦୁଇ ପରିବାରରେ ମାର୍‌ପିଟ, ୨ ଗୁରୁତର

ଡେରାବିଶ,୨୪।୧୨(ସ୍ୱ.ପ୍ର.)

ଡେରାବିଶ ଥାନା ଅନ୍ତର୍ଗତ ଖମୋଳ ପଞ୍ଚାୟତ ବଡ଼ଫଗୋଲ ଗାଁରେ ଶୁକ୍ରବାର ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ମାର୍‌ପିଟରେ ୨ ଜଣ ଗୁରୁତର ହୋଇଛନ୍ତି। ଥାନାରେ ପ୍ରଥମେ ବୀରବର ଜେନା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କ ଭାଇ ଭଞ୍ଜକିଶୋରଙ୍କୁ ସାଙ୍ଗରେ ନେଇ ଯାଉଥିଲେ। ବାଟରେ ଗାଁର ପ୍ରଭଞ୍ଜନ ମିଶ୍ର ହଠାତ୍ ତାଙ୍କୁ ଅଟକାଇ କେନ୍ଦ୍ରାପଡ଼ା ନ୍ୟାୟାଳୟରେ ଉଭୟଙ୍କ ପରିବାର ମଧ୍ୟରେ ଚାଲିଥିବା ଜମିବାଡ଼ି ସଂକ୍ରାନ୍ତୀୟ ମାମଲାରେ ସାକ୍ଷୀ ନ ଦେବାକୁ ସେ ଧମକାଇ ଥିଲେ। ପ୍ରତିବାଦ କରିବାରୁ ଲୁହାରଡ଼, ବିଭିନ୍ନ ମାରଣାସ୍ତ୍ରରେ ବୀରବର ଓ ଭଞ୍ଜକିଶୋରଙ୍କୁ ପ୍ରଭଞ୍ଜନଙ୍କ ସମେତ ପୁଷ୍ପକ ମଲ୍ଲ ମରଣାନ୍ତକ ଆକ୍ରମଣ କରିଥିଲେ। ଗ୍ରାମବାସୀଙ୍କ ସହଯୋଗରେ ଗୁରୁତର ଅବସ୍ଥାରେ ବୀରବର ଓ ଭଞ୍ଜ କିଶୋରଙ୍କୁ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଭଞ୍ଜକିଶୋର ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ବୀରବର ଓ ଭଞ୍ଜକିଶୋରଙ୍କୁ ପ୍ରଭଞ୍ଜନ ହତ୍ୟା ଧମକ ଦେଇ ଅଭିଯୋଗରେ ଦର୍ଶାଇଛନ୍ତି। ଅପରପକ୍ଷେ ପ୍ରଭଞ୍ଜନ ଶୁକ୍ରବାର ଥାନାରେ କରିଥିବା ଅନ୍ୟ ଏକ ଅଭିଯୋଗରେ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରେ ବସିଥିବା ସମୟରେ ବୀରବର ଓ ଭଞ୍ଜକିଶୋର ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କୁ ଜୀବନରେ ମାରିଦେବାକୁ ବୀରବର ଓ ଭଞ୍ଜକିଶୋର ଧମକ ଦେଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ତେବେ ଉଭୟଙ୍କ ଅଭିଯୋଗ ପାଇବା ପରେ ଆଇଆଇସି ଜ୍ୟୋତିପ୍ରକାଶ ସ୍ୱାଇଁ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି।

## ଫସଲ କ୍ଷତିଗ୍ରସ୍ତ ସହାୟତା ରାଶି ବଢ଼ାଇବାକୁ ଦାବି

ଧର୍ମଶାଳା,୨୪।୧୨(ଡି.ଏନ.ଏ.)

ବାତ୍ୟା ଜୱାଦ ପ୍ରଭାବରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ ପାଇଁ ସ୍ଥିର ହୋଇଥିବା ଅର୍ଥ ରାଶି ପରିମାଣ ଦ୍ୱିଗୁଣ କରିବାକୁ ଧର୍ମଶାଳା ବ୍ଲକ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି। ଏନେଇ କୃଷକ ନେତା ବସନ୍ତ ପରିଡ଼ା, ନେତ୍ରାନନ୍ଦ ଦାସ, କେଶବ ପାଳ, ଲୋକନାଥ ପଲେଇ, ବିଦ୍ୟାଧର ପରିଡ଼ା, ନିତ୍ୟାନନ୍ଦ ଦାସ ପ୍ରମୁଖ ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, ବାତ୍ୟା, ବନ୍ୟା ଓ ମରୁଡିରେ ଫସଲ ହାନୀ ଯୋଗୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାର ୨୦୦୬ରୁ ଜଳସେଚିତ ଜମି ପାଇଁ ହେକ୍ଟର ପିଛା ୧୩,୫୦୦ ଓ ଅଣ ଜଳସେଚିତ ଜମିପାଇଁ ହେକ୍ଟର ପିଛା ୬,୮୦୦ ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ରହିଛି ବୋଲି ବ୍ଲକ କୃଷି ଅଧିକାରୀ ପ୍ରଦୀପ୍ତ ମହାନ୍ତି କହିଛନ୍ତି। ତେବେ ୨୦୦୬ରେ ଶ୍ରମିକ ମଜୁରି, ବିହନ ଓ ସାରର ମୂଲ୍ୟ ଯାହା ଥିଲା ଏବେ ତାହା ୩ ଗୁଣ ବୃଦ୍ଧି ପାଇଛି। ଫଳରେ ଚାଷୀ ଉପଯୁକ୍ତ ମୂଲ୍ୟ ପାଇପାରୁ ନାହାନ୍ତି। ତେଣୁ ଏନେଇ କେନ୍ଦ୍ର ଓ ରାଜ୍ୟ ସରକାର କ୍ଷତିଗ୍ରସ୍ତ ଚାଷୀଙ୍କ ଜଳସେଚିତ ଜମିକୁ ହେକ୍ଟର ପିଛା ୩୦ହଜାର ଓ ଅଣ ଜଳସେଚିତ ଜମି ପାଇଁ ହେକ୍ଟର ପିଛା ୧୫ ହଜାର ଆର୍ଥିକ ସହାୟତା ଯୋଗାଇ ଦେବା ଲାଗି ସେମାନେ ଦାବି କରିଛନ୍ତି।

## ସଂକ୍ଷେପରେ

### କୃଷକ ଦିବସରେ ସମ୍ମାନିତ ହେଲେ କୃଷକ

**ପାରଳାଖେମୁଣ୍ଡି,୨୪।୧୨(ଡି.ଏନ୍.ଏ.):** ଗଜପତି ଜିଲା କେରାଣ୍ଡି ଗ୍ରାମରେ ଗୁରୁବାର ଜିଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ କୃଷକ ଦିବସ ପାଳନ ଅବସରରେ କୃଷକମାନଙ୍କୁ ସମ୍ମାନିତ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ଏକ କୃଷକ ସଚେତନତା ସଭାରେ କୃଷକ ମୋର୍ଚ୍ଚା ଜିଲା ସଭାପତି ପ୍ରଶାନ୍ତ ପାଲ ଅଧକ୍ଷତା କରି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ଭାଜପା ଜିଲା ଉପସଭାପତି ଜଗନ୍ନାଥ ମହାପାତ୍ର ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୃଷକମାନଙ୍କୁ ବହୁତ ସମ୍ମାନ ଦେବା ସହ ପ୍ରତ୍ୟେକ ସ୍ତରରେ କୃଷକମାନଙ୍କ ଉତ୍ପାଦିତ ଫସଲ ଓ ଆୟ ଦ୍ୱିଗୁଣିତ ହେବା ଉଦ୍ଦେଶ୍ୟରେ ବହୁ କୃଷି ଯୋଜନାମାନ କାର୍ଯ୍ୟକାରୀ କରିଛନ୍ତି।

### ୨୯ରେ ଖଣ୍ଡଦେଉଳୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ

**ଗଞ୍ଜାମ,୨୪।୧୨(ଡି.ଏନ.ଏ.):** ଗଞ୍ଜାମ ବ୍ଲକ ଖଣ୍ଡଦେଉଳୀ ହାଇସ୍କୁଲରେ ଆଗାମୀ ୨୯ ଓ ୩୦ ତାରିଖ ଦୁଇଦିନ ଧରି ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯିବ। ଏଥିପାଇଁ ସୁବର୍ଣ୍ଣ ଜୟନ୍ତୀ ପରିଚାଳନା କମିଟି ଗଠନ କରାଯାଇଛି। ଏଥିରେ ସଭାପତି ପଦ୍ମ ଚରଣ ପ୍ରଧାନ, ସମ୍ପାଦକ ଦଣ୍ଡପାଣି ମହାପାତ୍ର, ଉପଦେଷ୍ଟା ଭାବେ କନ୍ଧ ସ୍ୱାଇଁ, ସ୍କୁଲ ପ୍ରଧାନ ଶିକ୍ଷକ ଶଙ୍କର ନାରାୟଣ ବେଜ ପ୍ରମୁଖ ପରିଚାଳନା ଦାୟିତ୍ୱରେ ଅଛନ୍ତି। ଏହି ଅବସରରେ ଦୁଇଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ସାମାଜିକ ନାଟକ 'କାନ୍ଦୁଛି କେବଳ ହସିବା ପାଇଁ' ଏବଂ 'ଆଖି ତୁ କାନ୍ଦେନା' ମଞ୍ଚସ୍ଥ ହେବ। ଏହି ନାଟକରେ ଅଧାପକ ଡ. ଗୌରୀ ଶଙ୍କର ଶତପଥୀ ନିର୍ଦ୍ଦେଶନା ଦେଇଥିବା ବେଳେ ଅନ୍ୟ ଏକ ନାଟକରେ ପ୍ରଫୁଲ୍ଲ କୁମାର ସ୍ୱାଇଁ ପ୍ରମୁଖ ନିର୍ଦ୍ଦେଶନା ଦେଇଛନ୍ତି।

### ବରିଷ୍ଠ ବ୍ୟକ୍ତିଙ୍କ ପରଲୋକ

**ଖଣ୍ଡପଡ଼ା,୨୪।୧୨(ସ୍ୱ.ପ୍ର.):** ଖଣ୍ଡପଡ଼ା ଉପକାରାଗାରର ଅଧୀକ୍ଷକ ଶାରଦା ପ୍ରସନ୍ନ ରାଉତଙ୍କ ପିତା ହରିହର(୭୯)ଙ୍କର ପରଲୋକ ହୋଇଯାଇଛି। ଦୀର୍ଘ ମାସ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

### ଅଖିଳ ଭାରତ କୃଷକ ସଭା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

**ପୁରୁଷୋତ୍ତମପୁର,୨୪।୧୨(ଡି.ଏନ.ଏ.):** ପୁରୁଷୋତ୍ତମପୁର ବ୍ଲକ ଅଖିଳ ଭାରତ କୃଷକ ସଭା ପକ୍ଷରୁ ଶୁକ୍ରବାର ସଭାପତି ସୁଦର୍ଶନ ସ୍ୱାଇଁଙ୍କ ନେତୃତ୍ୱରେ ଚାଷୀମାନେ କାଳୀ ମନ୍ଦିର ଛକଠାରୁ ଏକ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟକୁ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବିଡିଓ ବିଜୟ କୁମାର ବେହେରାଙ୍କୁ ପ୍ରଦାନ କରିଛନ୍ତି। ଏଥିରେ ସେମାନେ ଦାବି କରନ୍ତି ଯେ, କ୍ଷତିଗ୍ରସ୍ତ ଚାଷୀଙ୍କ ଋଣ ଛାଡ କରିବା ସହ ଫସଲ ବୀମା ପ୍ରଦାନ କରାଯାଉ, କ୍ଷତିଗ୍ରସ୍ତ ଚାଷୀଙ୍କଠାରୁ ଧାନ ସିଧାସଳଖ ସରକାରୀ ମଣ୍ଡି କିଣିବା ସହ ଏଫ୍ଏକ୍ୟୁ ମାନର ଅନ୍ତର୍ଭୁକ୍ତ ନ କରି ଗ୍ରେଡ୍ ୱାର୍ଡର ସରକାରୀ ମୂଲ୍ୟ ଦେବା ଆଦି ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଅଞ୍ଚଳର ବହୁ ଚାଷୀ ଯୋଗଦେଇଥିଲେ।

### ଇଂଲିଶ ବିଭାଗର ପାଠଚକ୍ର

**ଭଞ୍ଜନଗର,୨୪।୧୨(ଡି.ଏନ.ଏ)-** ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଇଂଲିଶ ବିଭାଗର ପାଠଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ଅଧକ୍ଷ ବିଭୂତି ଭୂଷଣ ପାଣିଗ୍ରାହୀ ଅଧକ୍ଷତା କରିଥିଲେ। ଛାତ୍ର ରୁଦ୍ର ପ୍ରସାଦ ପାଢ଼ୀ ସନ୍ଦର୍ଭଟିକୁ ପଠନ କରିଥିଲେ। ତାଙ୍କୁ ବିଭାଗୀୟ ମୁଖ୍ୟ ପ୍ରାଧାପକ ସାତ୍ୟକୀ ସାହୁ, ଅଧାପକ ସନାତନ ବେହେରା ସହଯୋଗ କରିଥିଲେ। ପ୍ରାଧାପକ ଡ. ରବୀନ୍ଦ୍ର ନାଥ ପାଲ, ଡ.ପୀତବାସ ପାଲ ଅତିଥି ଭାବେ ଯୋଗଦେଇଥିଲେ। ବିଭାଗୀୟ ଅଧାପକ ସୁନାମ ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧାପକ ହରମୋହନ ନାୟକ ଧନ୍ୟବାଦ ଦେଇଥିଲେ।

### ଜାତୀୟ ଖାଉଟି ଅଧିକାର ଦିବସ ପାଳିତ

**ପାରଳାଖେମୁଣ୍ଡି,୨୪।୧୨:(ଡି.ଏନ୍.ଏ.)-** ଗଜପତି ଜିଲା ସଦର ସ୍ଥାନୀୟ ନୂତନ ବସଷ୍ଟାଣ୍ଡ ସ୍ଥିତ ମୋଟର କାର୍ଯ୍ୟକାରୀ ସଂଘ ଆନୁକୂଲ୍ୟରେ ଶୁକ୍ରବାର ଜାତୀୟ ଖାଉଟି ଅଧିକାର ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସଚେତନତା ସଭା ଜିଲା କାର୍ଯ୍ୟକାରିଣୀ ସଭାନେତ୍ରୀ ତନୁଜା ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସମ୍ପାଦକ ରୋକମ ଲୋକନାଥ, କୋଷାଧକ୍ଷ ଶିଶିର ଭଞ୍ଜ ସାମନ୍ତ, ପୌରାଞ୍ଚଳ ସଭାପତି ରଞ୍ଜନ ମହାପାତ୍ର, କେଦାର ଶବର, ଲିଙ୍ଗରାଜ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ।

# ଦମ୍ପତି ରୋଜଗାରକ୍ଷମ ହେଲେ ଆୟ ବଢ଼ିବ

**ନୟାଗଡ଼ ଅଫିସ,୨୪।୧୨**


ପଲ୍ଲିଶ୍ରୀ ମେଳାରେ ପଡିଥିବା ଖାଦ୍ୟ ଷ୍ଟଲରେ ଲୋକଙ୍କ ଗହଳି।

## ଜିଲାସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

ନୟାଗଡ଼ ଜିଲା ସଦର ମହକୁମାର ମହୋତ୍ସବ ପଡିଆରେ ଜିଲାସ୍ତରୀୟ ପଲ୍ଲିଶ୍ରୀ ମେଳା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ନୟାଗଡ ବିଧାୟକ ଅରୁଣ ସାହୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ସାହୁ କହିଲେ, ପରିବାରରେ ସ୍ୱାମୀ ସ୍ତ୍ରୀ ରୋଜଗାରକ୍ଷମ ହେଲେ ରୋଜଗାର ବଢ଼ିବ। ମହିଳାଙ୍କୁ ରୋଜଗାରକ୍ଷମ କରିବାକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସରକାର ବିନା ସୁଧରେ ଆର୍ଥିକ ସହାୟତା ଦେଉଛନ୍ତି। ଯେଉଁମାନେ ଆନ୍ତରିକତାର ସହ କାମ କରିଛନ୍ତି ସେମାନଙ୍କର ବ୍ୟବସାୟ ସହ ରୋଜଗାର ବଢ଼ିଛି। ପୂର୍ବ ସରାକାର ୱାଲଡ ବ୍ୟାଙ୍କ ସହ ଚୁକ୍ତି କରିଥିଲେ ୨୦୧୦ ମସିହା ପର୍ଯ୍ୟନ୍ତ ସରକାରୀ ସ୍ତରରେ ନିଯୁକ୍ତି ଦେବେ ନାହିଁ। ଚୁକ୍ତିର ମିଆଦ ପରେ ୨୦୧୦ ପରେ ବ୍ୟାପକ ନିଯୁକ୍ତି ଦିଆଯାଉଛି। ସବୁ ବିଭାଗରେ ଖାଲି ପଦବୀ ପୂରଣ ହେଉଛି। ୬ ହଜାର ହାଇସ୍କୁଲ ଶିକ୍ଷକ ନିଯୁକ୍ତି ହେଲେ। ୨୦୨୨ ଏପ୍ରିଲ ଭିତରେ ପୁଣି ୧୩ ହଜାର ଶିକ୍ଷକ ନିଯୁକ୍ତି ପାଇବେ। ୨୦୨୩-୨୪ ସୁଦ୍ଧା ଆଉ ଡାକ୍ତର ପଦବୀ ଖାଲି ରହିବନି। ସରକାରୀ ଚାକିରି ୫ ଲକ୍ଷରେ ସିମିତି। ଏହା ବାଦେ ଆତ୍ମ ନିଯୁକ୍ତିକୁ ବ୍ୟାପକ କରାଯାଇଛି। ସରକାରୀ ସ୍ତରରେ ଏଥିପାଇଁ ସବ୍‌ସିଡି ଦେଇ ସହାୟତା ଯୋଗାଇ ଦିଆଯାଉଛି। ୬ ହଜାର କୋଟି ଟଙ୍କାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିନା ସୁଧରେ ଋଣ ଦିଆଯାଇଛି। ପଲ୍ଲିଶ୍ରୀ ମେଳା ଆୟୋଜନର ମୂଳ ଲକ୍ଷ୍ୟ କିଛି ନା କିଛି କରି ରୋଜଗାର ବଢ଼ାଇବା। ଏଥିପାଇଁ ଉତ୍ପାଦନ ଓ ବିକ୍ରିବଟାକୁ ପ୍ରାଧାନ୍ୟ ଦେବାକୁ ପଡିବ। ଯାହାକି ପଲ୍ଲିଶ୍ରୀ ମେଳାରେ ବିକ୍ରିବଟାର ସୁବିଧା ହେଉଛି। ଜିଲାପାଳ ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ପିଡି ଡଆରଡିଏ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଲଗ୍ନଜିତ୍ ରାଉତ୍ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ।

### ଖାଦ୍ୟ ଷ୍ଟଲରେ ଗହଳି ବଢ଼ୁଛି

ପଲ୍ଲିଶ୍ରୀ ମେଳାରେ ୧୧୦ଟି ଷ୍ଟଲ ହୋଇଥିବାବେଳେ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ଷ୍ଟଲ ଖାଲି ପଡିଛି। ତେବେ ପ୍ରଶାସନ ପକ୍ଷରୁ କୁହାଯାଇଛି ୮୩ ଷ୍ଟଲରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କର ଷ୍ଟଲ ପଡିଛି। ଅନ୍ୟପକ୍ଷେ ପ୍ରଶାସନ ପକ୍ଷରୁ କୁହାଯାଇଥିଲା କରୋନାକୁ ଆଖି ଆଗରେ ରଖି ଖାଦ୍ୟ ଷ୍ଟଲ ହେବନି। ତେବେ ୩ଟି ଖାଦ୍ୟ ଷ୍ଟଲ ପଡିଛି। ପୁଣି ଷ୍ଟଲଗୁଡିକ ନୟାଗଡ଼ ଜିଲାର ନୁହେଁ ବୋଲି ଜଣାପଡିଛି। କିଛି ଲୋକ ଖାଦ୍ୟ ଷ୍ଟଲ କରିବାକୁ ଆଗ୍ରହୀ ଥିଲେ। ହେଲେ ସେମାନଙ୍କୁ ଷ୍ଟଲ କରିବାର ସୁଯୋଗ ନ ଦେଇ ଅନ୍ୟମାନଙ୍କୁ ଦେବା ପରେ ଅସନ୍ତୋଷ ପ୍ରକାଶ ପାଇଛି। ଏଭଳିସ୍ଥଳେ ଷ୍ଟଲ ପାଖରେ ଗହଳି ବଢୁଛି। ଯାହାକି କରୋନାକୁ ନିମନ୍ତ୍ରଣ କରୁଛି ବୋଲି କୁହାଯାଉଛି।

### କରୋନା ଟିକା ନେବାର ସୁବିଧା

ପଲ୍ଲିଶ୍ରୀ ମେଳାରେ କରୋନା ଟୀକା ଓ କରୋନା ପରୀକ୍ଷଣ ସୁବିଧା ରହିଛି। ହେଲେ ଏ ନେଇ ପ୍ରଚାର ଓ ପ୍ରସାର ନ ଥିବାରୁ ସାଧାରଣ ଲୋକ ଜାଣି ପାରୁନାହାନ୍ତି। ଅନ୍ୟପକ୍ଷେ ପଲ୍ଲିଶ୍ରୀ ମେଳା ନେଇ ଗଣମାଧମକୁ ସୂଚନା ଦିଆଯାଇନାହିଁ। କେବଳ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ଗ୍ରୁପରେ ମେଳା ସମ୍ପର୍କରେ ଏକ ମେସଜ୍‌ରେ କାମ ଚଳାଇ ନିଆଯାଇଛି।

### ପଲ୍ଲିସଭା କହିଲେ ବିଧାୟକ

ପଲ୍ଲିଶ୍ରୀ ମେଳାରେ ଅତିଥି ରୂପେ ଯୋଗ ଦେଇ ରଣପୁର ବିଧାୟକ ପ୍ରଧାନ କେତେବେଳେ ପଲ୍ଲିଶ୍ରୀ ମେଳାକୁ ପଲ୍ଲିସଭା ତ ଆଉ କେତେବେଳେ ପଲ୍ଲୀ ଉତ୍ସବ କହିଥିଲେ। ତେବେ ବିଧାୟକ ନିଜର ତ୍ରୁଟି ଜାଣି ନ ପାରବିାରୁ ସଂଶୋଧନ କରି ନ ଥିଲେ। ବିଧାୟକର ଭାସଣ ଶୁଣି ଅନେକ ହସିଥିଲେ।

# ପଠାଣି ସାମନ୍ତ ଥିଲେ ଅସାଧାରଣ ପ୍ରତିଭାର ଅଧିକାରୀ

**ଖଣ୍ଡପଡ଼ା,୨୪।୧୨(ସ୍ୱ.ପ୍ର.)**

## ଖଣ୍ଡପଡ଼ାରେ ୧୮୭ତମ ଜୟନ୍ତୀ ପାଳିତ

ବିଶ୍ୱ ବିଖ୍ୟାତ ଜ୍ୟୋତିର୍ବିଦ୍ ମହାମହୋପାଧ୍ୟାୟ ପଠାଣି ସାମନ୍ତ ଥିଲେ ଜଣେ ଅସାଧାରଣ ପ୍ରତିଭାର ଅଧିକାରୀ। ଖଣ୍ଡପଡ଼ା ମାଟିରେ ଜନ୍ମ ହୋଇ ସମଗ୍ର ବିଶ୍ୱବାସୀଙ୍କୁ ଜ୍ୟୋତି ବିଜ୍ଞାନ ସମ୍ପର୍କରେ ଦିଗ୍‌ଦର୍ଶନ ଦେଇଥିଲେ ବୋଲି ଶୁକ୍ରବାର ଆୟୋଜିତ ସଭାରେ ଅତିଥିମାନେ ମତ ପ୍ରକାଶ କରିଥିଲେ। ସାମନ୍ତ ଚନ୍ଦ୍ରଶେଖର ସ୍ମୃତିମନ୍ଦିର ଓ ପାଠାଗାର ପରିସରରେ ଆୟୋଜିତ ୧୮୭ତମ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜ୍ଞାନ ଓ କାରିଗରି ବିଭାଗର ବରିଷ୍ଠ ବୈଜ୍ଞାନିକ ଡ. ଲକ୍ଷ୍ମୀନାରାୟଣ ପାଢ଼ୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁ ସାହିତ୍ୟିକ ଜିତେନ୍ଦ୍ର ନାରାୟଣ ଦାଶ (ଦାଶ ବେନହୁର), ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ, ସାହିତ୍ୟିକ କୁଳମଣି ଷଡ଼ଙ୍ଗୀ, ପଠାଣି ସାମନ୍ତ ପ୍ଲାନେଟୋରିୟମର ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ, ଚଳଚ୍ଚିତ୍ର ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ବିନାୟକ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଦୂରଦର୍ଶନର ଉପସ୍ଥାପିକା ତଥା ଅଧକ୍ଷା ସ୍ନେହ ମିଶ୍ର କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ପୂର୍ବାହ୍ନରେ ସହରର ବିଭିନ୍ନ ସ୍ଥାନରେ ଅବସ୍ଥିତ ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।



ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେପୁସ୍ତକଉନ୍ମୋଚନ କରୁଛନ୍ତି।

# ବାଞ୍ଛାର ବଗିଚା ମନ ମୋହିଲା


ମଞ୍ଚସ୍ଥ ନାଟକ ବାଞ୍ଛାର ଏକ ଦୃଶ୍ୟ।

**ନୟାଗଡ଼ ଅଫିସ,୨୪।୧୨**

## ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଆରମ୍ଭ

ପଠାଣି ସମାନ୍ତ ଅଡିଟୋରିୟମ ପରିସରରେ ନୟାଗଡ଼ର ନାଟ୍ୟଶାଳା ମଞ୍ଚାୟନ ପକ୍ଷରୁ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଆରମ୍ଭ ହୋଇଛି। ଏହା ୨୬ତାରିଖରେ ଉଦ୍‌ଯାପିତ ହେବ। ଏହାକୁ କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ନୟାଗଡ ବିଧାୟକ ଅରୁଣ ସାହୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲାପାଳ ପୋମା ଟୁଡୁ ଯୋଗ ଦେଇଥିଲେ। ମଞ୍ଚାୟନର ସଭାପତି ଯାମିନୀକାନ୍ତ ମିଶ୍ର ସ୍ୱାଗତ ଭାଷଣ ଓ ଅଧାପକ ଗଣେଶ୍ୱର ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ମହୋତ୍ସବରେ ଶତାବ୍ଦୀର କଳାକାର ଭୁବନେଶ୍ୱର ପକ୍ଷରୁ ପ୍ରଥମ ନାଟକ ବାଞ୍ଛାର ବଗିଚା ମଞ୍ଚସ୍ଥ ହୋଇଯାଇଛି। ମନୋଜ ମିଶ୍ରଙ୍କ ବଙ୍ଗଳା ଭାଷାରେ ଲିଖିତ ନାଟକକୁ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଚିବ ଧୀର ମଲ୍ଲିକ ଅନୁବାଦ କରିଛନ୍ତି। ନାଟକର ନିର୍ଦ୍ଦେଶନା ଦେଇଛନ୍ତି ଦର୍ପ ନାରାୟଣ ସେଠୀ। ୨୦ ଜଣ କଳାକାରକୁ ନେଇ ମଞ୍ଚସ୍ଥ ନାଟକରେ ମୁଖ୍ୟ ଚରିତ୍ର ବାଞ୍ଛା। ଯିଏକି ତୁଣ୍ଡ ଝାଳ ମୁଣ୍ଡରେ ମାରି ବହୁ କଷ୍ଟରେ ଏକ ସୁନ୍ଦର ବଗିଚା କରିଥାଏ। ଏହି ବଗିଚା ଉପରେ ନଜର ପଡିଥିଲା ଜମିଦାର ଛକଡି ମହାନ୍ତିଙ୍କର। ବଗିଚାକୁ ହାତେଇବାକୁ କଳବଳ କୌଶଳ କରି ଜମିଦାର ଚୁକ୍ତିପତ୍ର କରନ୍ତି। ଚୁକ୍ତିପତ୍ର ଅନୁସାରେ ବାଞ୍ଛା ବଞ୍ଚିଥିବା ପର୍ଯ୍ୟନ୍ତ ବଗିଚା ବାବଦକୁ ମାସକୁ ୨୦୦ ଟଙ୍କା ପାଇବ। ମୃତ୍ୟୁ ପରେ ସମ୍ପୂର୍ଣ୍ଣ ବଗିଚା ଜମିଦାରଙ୍କ ହାତକୁ ଚାଲିଯିବ। ତେବେ ବଗିଚା ଚୁକ୍ତିପତ୍ର ବାତିଲ ହୋଇଯାଏ। ବାଞ୍ଛା ନିଜର ଉତ୍ତର ପିଢି ପାଇଁ ବଗିଚାକୁ ନିଜର କରି ରଖେ।

# ତହସିଲ ଅଫିସ୍ ସମ୍ମୁଖରେ ବିକ୍ଷୋଭ

**ଆସିକା,୨୪।୧୨(ଡି.ଏନ.ଏ.)**

ଭୂମିହୀନ, ଗୃହହୀନ ଗରିବଙ୍କୁ ଜମି ଅଧିକାର ଏବଂ ବର୍ଷାରେ କ୍ଷତିଗ୍ରସ୍ତ ଫସଲର କ୍ଷତିପୂରଣ ଦାବିରେ ଶୁକ୍ରବାର ଅଖିଳ ଭାରତ କିଷାନ ମଜଦୁର ସଭା ପକ୍ଷରୁ ଆସିକା ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଏକ ଶୋଭାଯାତ୍ରା ନଗର ପରିକ୍ରମା କରି କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ସଙ୍ଗଠନର ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡଙ୍ଗୀଙ୍କ ନେତୃତ୍ୱରେ ରାଜ୍ୟ ଷଡଙ୍ଗୀ ପ୍ରତାପ କୁମାର ନାୟକ, ବ୍ଲକ ସମ୍ପାଦକ ସନ୍ତୋଷ ନାୟକ, ଆଇ.ଏଫ.ଟି.ୟୁ ଆବାହକ ପ୍ରତାପ ଚନ୍ଦ୍ର ପ୍ରଧାନ, ସନ୍ତୋଷ ପ୍ରଧାନ ପ୍ରମୁଖ ଯୋଗଦେଇ ଗରିବ ଭୂମିହୀନ ଓ ଭାଗଚାଷୀଙ୍କ ସମସ୍ୟାର ସମାଧାନ ଲାଗି ଦାବି କରିଥିଲେ। ପରେ ଆସିକା ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟଙ୍କୁ ସଂଗଠନ ପକ୍ଷରୁ ଏକ ଦାବିପତ୍ର ଦିଆଯାଇଥିଲା।

# ପିକ୍‌ନିକ୍ ବସ୍ ଦୁର୍ଘଟଣା, ବର୍ତ୍ତିଲେ ୮୦ ଛାତ୍ରୀଛାତ୍ର

**ରାୟଗଡ଼(ଗଜପତି),୨୪।୧୨**

ଗଜପତି ଜିଲା ରାୟଗଡ଼ ଥାନା ମାର୍ଲବା ଘାଟିରେ ଶୁକ୍ରବାର ଦୁଇଟି ପିକନିକ୍ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ସେଠାରେ ରକ୍ଷା କବଚ ସାଜିଲା ଅଟୋ। ଫଳରେ ବସରେ ବସିଥିବା ପ୍ରାୟ ୮୦ ଛାତ୍ରୀଛାତ୍ର ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଶିବରାମ ପାଢି (୨୫)ଙ୍କୁ ଗୁରୁତର ଅବସ୍ଥାରେ ଖଜୁରୀପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ରାୟଗଡ଼ ବ୍ଲକର ଗଣ୍ଡାହାତୀ ଜଳପ୍ରପାତକୁ ଭୋଜି କରିବା ପାଇଁ ଶୁକ୍ରବାର ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ଗାନ୍ଧୀ ଇନଷ୍ଟିଚ୍ୟୁଟ୍ ଅଫ୍ କମ୍ପ୍ୟୁଟର ମ୍ୟାନେଜମେଣ୍ଟର (ଜିଆଇସିଏମ) ପ୍ରାୟ ୮୦ ଛାତ୍ରୀଛାତ୍ର ଦୁଇଟି ବସଯୋଗେ ଯାଉଥିବା ବେଳେ ମାର୍ଲବା ଘାଟିରେ ସାଇ ବାବା ନାମକ ପିକନିକ୍ ବସ୍ (ନଂ ଓଡି୦୭ ଜେ ୨୭୦୭) ଭାରସାମ୍ୟ ହରାଇ ଆଗରେ ଥିବା ଆଉ ଗୋଟେ ପିକନିକ୍ ବସ୍‌କୁ ପଛପଟୁ ଧକ୍କା ଦେଇଥିଲା। ତେବେ ଦୁଇଟା ଯାକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପଛରେ ଥିବା ବସ ଆଗକୁ ଖସି ଆସି ବିପଦ ମୁହାଁ ହେବା ସମୟରେ ବିପରୀତ ଆଡୁ ଆସୁଥିବା ଏକ ଅଟୋକୁ ଧକ୍କା ଦେଇ ଉକ୍ତ ବସ ଏକ ପଥର ସାହାଯ୍ୟରେ ଅଟକି ରହିଥିଲା। ଫଳରେ କାହାର କିଛି ହୋଇନାହିଁ।

# କୁଆଁରିଆରେ ହେବ ଲୋକକଳା ମହୋତ୍ସବ


ଆମ ଲୋକକଳା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ନୟାଗଡ଼ ଅଫିସ,୨୪।୧୨**

## ଆମ ଲୋକକଳା କାର୍ଯ୍ୟକ୍ରମ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ନୟାଗଡ଼ ସଦର ମହକୁମାର ଦକ୍ଷିଣକାଳୀ ମନ୍ଦିର ପଡିଆରେ ଆଞ୍ଚଳିକ ସ୍ତରୀୟ ଆମ ଲୋକକଳା ଆମ ସଂସ୍କୃତି କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ନୟାଗଡ ବିଧାୟକ ଅରୁଣ ସାହୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ନୟାଗଡ଼ ଜିଲାପାଳ ପୋମ ଟୁଡୁ, ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଳବିଶୋଇ, ରାଜ୍ୟ କଳାକାର ସଂଘ ଉପସଭାପତି ଅବନୀ କୁମାର ମିଶ୍ର ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଏଥିରେ ଢେଙ୍କାନାଳ ଜିଲା ଆଦିପୁରାର ଗୋପାଳ ଲଉଡି, ନାଗଡର ଶଙ୍ଖବାଦ୍ୟ, ସମ୍ବଲପୁରର ଲାହଡି ପକ୍ଷରୁ ଜାପ, କଳିଙ୍ଗ ପାଇକ କ୍ରିଏଶନ ପକ୍ଷରୁ ପାଇକ ଆଖଡା ନୃତ୍ୟ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା। ଅନ୍ୟପକ୍ଷେ ପ୍ରତିବର୍ଷ ଲୋକକଳା ମହୋତ୍ସବ ଦଶପଲ୍ଲାର କୁଆଁରିଆରେ ଅନୁଷ୍ଠିତ ହେବ ବୋଲି ଏଠାରେ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଥିଲା।



କଳାକାରଙ୍କ ଦ୍ୱାରା ପାଇକ ଆଖଡା ପ୍ରଦର୍ଶିତ।

### ଓମ୍ ଶାନ୍ତିର ରାଷ୍ଟ୍ରୀୟ କୃଷକ ଦିବସ ପାଳନ

**କବିସୂର୍ଯ୍ୟନଗର,୨୪।୧୨(ଡି.ଏନ.ଏ.)**

କବିସୂର୍ଯ୍ୟନଗର ସ୍ଥିତ ବ୍ରହ୍ମକୁମାରୀ ସଂସ୍ଥାର ଉପଶାଖା ପ୍ରଭୁପ୍ରୀତ ଭବନଠାରେ ଶାଖା ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଲୀଳାବତୀ ଭଉଣୀଙ୍କ ତତ୍ତ୍ୱାବଧାନରେ ରାଷ୍ଟ୍ରୀୟ କୃଷକ ଦିବସ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୃଷିବିଭାଗ ଯନ୍ତ୍ରୀ ନୁନୁ କୁମାରୀ ସେଠୀ, ଶାଖା ସଞ୍ଚାଳିକା ବ୍ରହ୍ମାକୁମାରୀ ଲୀଳାବତୀ, ଅନୁ ଭଉଣୀ, ନିରୁ ଭଉଣୀ ସମୃଦ୍ଧ ଭାରତ ଗଠନରେ କୃଷକଙ୍କ ଭୂମିକା ଓ ରାଜଯୋଗ ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ।

### ରାମକୃଷ୍ଣଙ୍କ ବିୟୋଗରେ ଶୋକସଭା

**ବୁଗୁଡ଼ା/ଦିଗପହଣ୍ଡି,୨୪।୧୨ (ଡି.ଏନ.ଏ.)**

ବରିଷ୍ଠ ରାଜନୈତିଜ୍ଞ ତଥା ପୂର୍ବତନ ଅର୍ଥମନ୍ତ୍ରୀ ଏବଂ ଗଞ୍ଜାମ ଟାଇଗର ଭାବେ ପରିଚିତ ରାମକୃଷ୍ଣ ପଟ୍ଟନାୟକଙ୍କ ବିୟୋଗରେ ବୁଗୁଡ଼ା ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ଭାଜପା ଘୁମୁସର ଜିଲା ସଭାପତି ଗୋକୁଳା ନନ୍ଦ ମଲ୍ଲିକ, ଉପସଭାପତି ପ୍ରଭାକର ପଣ୍ଡା, ବୁଗୁଡ଼ା ଏନ୍ଏସିର ପ୍ରାକ୍ତନ ଅଧକ୍ଷା ସସ୍ମିତା ପଟ୍ଟନାୟକ, ଉପାଧକ୍ଷ ସୁବ୍ରତ କୁମାର ପଟ୍ଟନାୟକ, ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଂଯୋଜକ ପ୍ରତାପ ଚନ୍ଦ୍ର ନାୟକ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ସେହିପରି ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଓକିଲ ସଂଘର ସ୍ଥାୟୀ ସଭା ଗୃହରେ ଏକ ଶୋକସଭା ଆୟୋଜିତ ହୋଇଥିଲା। ସଂଘ ସଭାପତି ପରେଶ ଚନ୍ଦ୍ର ରଥ ଶୋକ ସଭାରେ ସଭାପତିତ୍ୱ କରିଥିଲେ। ଆଇନଜୀବୀ ସୂର୍ଯ୍ୟନାରାୟଣ ସାହୁ, ଏ.ସମେଶ୍ୱର ରାଓ, ଲକ୍ଷ୍ମୀନାରାୟଣ ପାଢ଼ୀ, ଚନ୍ଦ୍ରଧ୍ୱଜ ସିଂହ, ରସାନନ୍ଦ ରାଉତ, ହେମନ୍ତ କୁମାର ପାଣିଗ୍ରାହୀ, ଅଶେଷ ନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଉନ୍ନୟନ କାର୍ଯ୍ୟ ଉଦ୍‌ଘାଟନ କଲେ ବିଧାୟକ

**ଆର.ଉଦୟଗିରି, ୨୪।୧୨(ଡି.ଏନ.ଏ.)**

ମୋହନା ବିଧାୟକ ଦାଶରଥି ଗମାଙ୍ଗ ଦିନିକିଆ ନୂଆଗଡ଼ ବ୍ଲକ ଗସ୍ତରେ ଆସି ନିର୍ମାଣ ହୋଇଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟଗୁଡିକୁ ଉଦ୍‌ଘାଟନ କରିଥିଲେ। ବିଧାୟକ ବ୍ଲକର ସମଲପୁର ପଞ୍ଚାୟତ ସଭାଗୃହ, ବାଦୁଆ ଓ ଜଗନ୍ନାଥ ଗ୍ରାମର ମିନିଅଙ୍ଗନୱାଡି କୋଠ ଗୃହ ଉଦଘାଟନ କରିବା ସହ ଅଞ୍ଚଳର ସମସ୍ୟା ଶୁଣିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା କବିତା ଶବର, ଅନୁଗୁରୁ ସରପଞ୍ଚ ଯାକବ ମାଝି, ସମ୍ବଲପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ କୃଷ ଚନ୍ଦ୍ର ଗମାଙ୍ଗ, ଯାଶା ଗମାଙ୍ଗ, ମହାକାଳ ପାଇକ, ପୁଟୁପଡା ପୂର୍ବତନ ସରପଞ୍ଚ ଦୁଲଭ ରଇତ, ଗୋରେଖ ପ୍ରଧାନଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

### ବଡ଼ଦିନ ପାଇଁ ସୁରକ୍ଷା କଡ଼ାକଡ଼ି

**ଦାରିଙ୍ଗବାଡ଼ି/ଜି.ଉଦୟଗିରି, ୨୪।୧୨(ଡି.ଏନ.ଏ)**

ବଡ଼ଦିନ ପାଳନ ପାଇଁ କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳ ଉତ୍ସବ ମୁଖର ହୋଇପଡ଼ିଛି। ଶୁକ୍ରବାରରୁ ସମସ୍ତ ଚର୍ଚ୍ଚଗୁଡ଼ିକରେ ଯଜ୍ଞ ସମେତ ସାମୂହିକ ପ୍ରାର୍ଥନା, ବାଇବଲ୍ ପଠନ, କେକ୍ କାଟି ସେଲିବ୍ରେଶନ କରାଯିବା ଆଦି କାର୍ଯ୍ୟକ୍ରମ କରାଯିବ। ଏଥିସହ ଶନିବାର ବଡ଼ଦିନକୁ ଧୁମ୍‌ଧାମ୍‌ରେ ପାଳନ କରାଯିବ ବୋଲି ସିମନବାଡ଼ି କ୍ୟାଥୋଲିକ ଚର୍ଚ୍ଚର ପ୍ୟାରିସ ପ୍ରିଷ୍ଟ ଗ୍ରେଗୋରି ଜେନା କହିଛନ୍ତି। ଅଞ୍ଚଳରେ କିଭଳି ବଡ଼ଦିନ ଶାନ୍ତି ଶୃଙ୍ଖଳାର ସହ ପାଳନ କରାଯାଇପାରିବ ସେନେଇ ଜିଲା ପ୍ରଶାସନ, ଜିଲା ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେହିପରି ବ୍ରାହ୍ମଣୀଗାଁ ଥାନାଧିକାରୀ ଦଶରଥ ହେମ୍ବ୍ରମ୍‌ଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ବ୍ଲକିଂ କରି ଯାଞ୍ଚ କଡ଼ାକଡି କରାଯିବା ସହ ଉଭୟ ଥାନା ପକ୍ଷରୁ ଦିନ ଏବଂ ରାତ୍ରି ପାଟ୍ରୋଲିଂକୁ କଡ଼ାକଡ଼ି ଭାବେ ପାଳନ କରାଯାଉଛି। ସେହିପରି ଜି.ଉଦୟଗିରର ବିଭିନ୍ନ ସ୍ଥାନରେ ବଡ଼ ଦିନ ପାଳନ ଲାଗି ପୋଲିସ ପକ୍ଷରୁ ସୁରକ୍ଷା ବବସ୍ଥାକୁ କଡ଼ାକଡ଼ି କରାଯାଇଛି। ପୋଲିସ୍ ପ୍ରଶାସନ ସହରରେ ପୋଲିସ୍ ଫ୍ଲାଗମାର୍ଚ କରିବା ସହିତ ସହରର ବିଭିନ୍ନ ପ୍ରବେଶ ପଥରେ ନାକା କରି ଗାଡି ମଟର ଯାଞ୍ଚ କରୁଛି।